ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

# ରାଜ୍ୟର ଅଙ୍ଗନବାଡ଼ି କେନ୍ଦ୍ର ଏବଂ ଶିଶୁ ଯତ୍ନ ଅନୁଷ୍ଠାନଗୁଡ଼ିକରେ ଇଂରାଜୀ ନବବର୍ଷ ପାଳିତ

ଭୁବନେଶ୍ୱର, ତା.୦୧/୦୧/୨୦୨୦ରିଖ

ଆଜି ସାରା ରାଜ୍ୟର ବିଭିନ୍ନ ଜିଲ୍ଲାରେ ଥିବା ଅଙ୍ଗନବାଡ଼ି କେନ୍ଦ୍ର ଏବଂ ଶିଶୁ ଯତ୍ନ ଅନୁଷ୍ଠାନମାନଙ୍କରେ ଇଂରାଜୀ ନବବର୍ଷ ପାଳିତ ହୋଇଯାଇଛି । ଏହି ଅବସରରେ ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକରେ କୁନି କୁନି କୋମଳମତି ଶିଶୁମାନଙ୍କ ଦ୍ୱାରା ନୃତ୍ୟ, ସଂଗୀତ ପରିବେଷଣ ବେଶ୍ ଆକର୍ଷଣୀୟ ହୋଇଥିଲା । ଅଙ୍ଗନବାଡ଼ି କେନ୍ଦ୍ର ପରିସରକୁ ମଧ୍ୟ ପାରମ୍ପରିକ ପୁଷ୍ପ, ଝୋଟି, ଚିତା ଆଦିରେ ସାଜସଜ୍ଜା କରାଯାଇଥିଲା । ଅଙ୍ଗନବାଡ଼ି କର୍ମୀ, ସହାୟିକା, ପିତାମାତା, ଅଭିଭାବକ, ଜେଜେବାପା ଓ ଜେଜେ ମା ଆଦି ସମସ୍ତେ ଉପସ୍ଥିତ ରହି ହର୍ଷ ଉଲ୍ଲାସରେ ନୂତନ ବର୍ଷକୁ ସ୍ୱାଗତ ଜଣାଇଥିଲେ । ବିଭିନ୍ନ ଶିଶୁ ଯତ୍ନ ଅନୁଷ୍ଠାନରେ ମଧ୍ୟ ନବବର୍ଷ ପାଳିତ ହୋଇଥିଲା । ଏହି ଅବସରରେ ପିଲାମାନଙ୍କୁ ଶିକ୍ଷଣୀୟ ପୁସ୍ତକ ପ୍ରଦାନ କରାଯାଇଥିଲା ।

ଆଜି ମଧ୍ୟ ମାସର ଏକ ତାରିଖ ହୋଇଥିବାରୁ ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ରରେ ମହିଳା, ଶିଶୁ ଏବଂ କିଶୋରୀମାନଙ୍କ ନିମନ୍ତେ ନିର୍ଦ୍ଧିଷ୍ଟ ଦିନ ଛତୁଆ ବଣ୍ଟନ କାର୍ଯ୍ୟକ୍ରମରେ ଟେକ୍ ହୋମ୍ ରାସନ୍ ବଣ୍ଟନ କରାଯାଇଥିଲା । ଏ ସମସ୍ତ କାର୍ଯ୍ୟକ୍ରମକୁ ଡି.ଏସ୍.ଡବ୍ଲ୍ୟୁ.ଓ, ସିଡିପିଓ ତଥା ଆଇସିଡିଏସ୍ କ୍ଷେତ୍ର କର୍ମଚାରୀମାନେ ଉପସ୍ଥିତ ରହି ତଦାରଖ କରିଥିଲେ ।

ସୁଚେତା ପ୍ରିୟଦର୍ଶିନୀ
ସୂଚନା ଅଧିକାରୀ